# ସହିଦ ମାଧୋ ସିଂ ପରିବାରର ବୀରତ୍ୱ ଗାଥାକୁ ପାଠ୍ୟପୁସ୍ତକରେ ସ୍ଥାନ ଦିଆଯାଉ



**ମଥୁରାନଗରୀ, ୨।୧(ସମିସ):** ଦେଶ ମାତୃକା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଘେଁସ ଜମିଦାର ମଧୋ ସିଂ ପରିବାରର ବୀରତ୍ୱର ଗାଥାକୁ ପାଠ୍ୟପୁସ୍ତକରେ ସ୍ଥାନ ଦିଆଯାଉ ବୋଲି ବରଗଡ଼ ମହିଳା ସମିତି ଦାବି ଜଣାଇଛି। ସମିତି ପକ୍ଷରୁ ସଭାନେତ୍ରୀ ଅଞ୍ଜନା ଦାସଙ୍କ ନେତୃତ୍ୱରେ ସଦସ୍ୟାଗଣ ହଲଦୀପାଲି ବୀର ଛକ ସ୍ଥିତ ସହିଦ ସ୍ମୃତି ସ୍ମାରକୀ ଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ ସଦସ୍ୟା ଗୀତା ମିଶ୍ର ବ୍ରିଟିଶ ସରକାରଙ୍କ ଅତ୍ୟାଚାର ବିରୋଧରେ ଲଢିଥିବା ବୀର ମାଧୋ ସିଂଙ୍କ ସ୍ମୃତିଚାରଣ କରିଥିଲେ। ମାଧୋ ସିଂ ନିଜ ୪ ପୁତ୍ରଙ୍କୁ ହରାଇବା ପରେ ମଧ୍ୟ ଜୀବନର ଶେଷ ପର୍ଯ୍ୟନ୍ତ ସଂଗ୍ରାମ କରିଥିଲେ ଏବଂ ୧୮୫୮ ଡିସେମ୍ବର ୩୧ ତାରିଖ ସମ୍ବଲପୁର ଜେଲ ଛକରେ ତାଙ୍କୁ ୭୨ ବର୍ଷ ବୟସରେ ଫାଶୀ ଦିଆଯାଇଥିଲା। ସେମାନଙ୍କ ବିରଳ ବଳିଦାନରୁ ଆମ ଉତ୍ତର ପିଢ଼ି ପ୍ରେରଣା ପାଇବା ପାଇଁ ଏହାକୁ ପାଠ୍ୟପୁସ୍ତକରେ ସ୍ଥାନ ଦେବାପାଇଁ ଦାବି ଜଣାଇଥିଲେ। ସମ୍ପାଦିକା ସୁଧାଂଶୁବାଳା ଦାଶ ଉଦ୍ଦେଶ୍ୟ ଜ୍ଞାପନ ଏବଂ ମମତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କନକ ପ୍ରଧାନ, ମାମି ମିଶ୍ର, ଜୟଗୀତା ପଣ୍ଡା, ଇନ୍ଦ୍ରାଣୀ ଶତପଥୀ, ସରିତ ସଲୋନୀ ଦାଶ, ସୁମିତ୍ରା ଦାଶ, ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ପଦ୍ମିନୀ ସାହୁ, ସସ୍ମିତା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

# ଆଇଆଇଏମ୍ ପକ୍ଷରୁ 'ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍'

ସମ୍ବଲପୁର, ୨।୧ (ସମିସ)



ଭାରତର ଅନ୍ୟତମ ପ୍ରମୁଖ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ପ୍ରୋଜେକ୍ଟ ପଏଣ୍ଟ ଓଡ଼ିଶା ସହଯୋଗରେ 'ବିକଶିତ ଭାରତ ପାଇଁ ଓଡ଼ିଶାରେ ଯୁବବର୍ଗଙ୍କ ସଶକ୍ତୀକରଣ' ବିଷୟବସ୍ତୁ ଉପରେ ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍ ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଏକ ଅଭିଯାନ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ରାଉଣ୍ଡ ଟେବୁଲ୍ କାର୍ଯ୍ୟକ୍ରମରେ ଯୁବ ପ୍ରତିନିଧିମାନେ ଭାଗ ନେଇଥିଲେ। ଆଲୋଚନାଚକ୍ରରେ ଅତିଥି ଭାବେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ପ୍ରୋଜେକ୍ଟ ପଏଣ୍ଟ ଓଡ଼ିଶାର ଅଧ୍ୟକ୍ଷ ଓ ପ୍ରତିଷ୍ଠାତା ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ପୂର୍ବତନ ନିର୍ଦ୍ଦେଶକ ଏନୱାଇକେଏସ୍ ସତ୍ୟପ୍ରକାଶ ପଟ୍ଟନାୟକ, ଓଡ଼ିଶା ସରକାରଙ୍କ ବିଶେଷ ସଚିବ ନିହାର ରଞ୍ଜନ ଦାଶ, ୟୁଏନ୍‌ଡିପି ଓଡ଼ିଶାର ରାଜ୍ୟ ପ୍ରମୁଖ ଆଭା ମିଶ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରଗଠନରେ ପ୍ରତ୍ୟକ୍ଷ ଭାବେ ଯୋଡ଼ିହେବାରେ ଯୁବବର୍ଗଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଥିଲେ, ଯେତେବେଳେ ଶିକ୍ଷା ଜରିଆରେ ଏଆଇର ସମ୍ଭାବନାକୁ ବୁଝିବା ଓ ପ୍ରୟୋଗ କରିବା ବିଷୟରେ ଯୁବବର୍ଗ ସଶକ୍ତ ହୋଇଥାନ୍ତି ସେତେବେଳେ ପ୍ରଭାବଶାଳୀ ସମାଧାନ ସୃଷ୍ଟି ହେବାର ସମ୍ଭାବନା ଅପାର ହୋଇଥାଏ। ଏଆଇ ଆଧାରିତ ନବସୃଜନ ବିଶ୍ୱସ୍ତରୀୟ ଆହ୍ୱାନ ସମେତ ଭାରତରେ ସମ୍ବଲପୁର ଭଳି ଛୋଟ ସହରଠାରୁ ଆରମ୍ଭ କରି ମେଟ୍ରୋପୋଲିଟାନ ସହର ପର୍ଯ୍ୟନ୍ତ ସହରାଞ୍ଚଳ ସମସ୍ୟାର ସମାଧାନ କରିପାରିବ। କାର୍ଯ୍ୟକ୍ରମରେ ନୀତି ନିର୍ମାତା, ଶିକ୍ଷାବିତ୍, ଯୁବ ଲିଡର ଓ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେଇ ଭାରତର ଭବିଷ୍ୟତ ବିକାଶ ନକ୍ସାକୁ ଆକାର ପ୍ରଦାନ କରିବାରେ ଯୁବବର୍ଗଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ପ୍ରସ୍ତାବ ଦେଇଥିଲେ। ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍ ଭଳି କାର୍ଯ୍ୟକ୍ରମ ଜରିଆରେ ଆଇଆଇଏମ୍ ସମ୍ବଲପୁର ଶିକ୍ଷାଗତ ଉତ୍କର୍ଷ, ଯୁବ ସମ୍ପୃକ୍ତି ଓ ନୀତି ଆଧାରିତ ପ୍ରକ୍ରିୟାକୁ ବ୍ୟବହାର କରି ଜାତୀୟ ବିକାଶ ଆଲୋଚନାକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

## ହିତେନ୍ଦ୍ରୀୟ ପ୍ରଧାନ ହେଲେ ସରକାରୀ ଏପିପି



**ଅତାବିରା, ୨।୧(ସମିସ):** ଅତାବିରା ମାନ୍ୟବର ଗ୍ରାମ୍ୟ ନ୍ୟାୟାଧିକାରୀଙ୍କ ଏପିପି (ସରକାରୀ ଓକିଲ) ଭାବେ ଅତାବିରା ବାରର ହିତେନ୍ଦ୍ରୀୟ ପ୍ରଧାନ ନିଯୁକ୍ତି ପାଇଛନ୍ତି। ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ପ୍ରକାଶିତ ତାଲିକାରେ ଶ୍ରୀ ପ୍ରଧାନଙ୍କୁ ମନୋନୟନ କରିଛନ୍ତି।

## ନୂଆଁବର୍ଷ ଅବସରରେ ଗାଁ ଶ୍ମଶାନ ସଫେଇ



**ଅତାବିରା, ୨।୧(ସମିସ):** ବାବେବିରା ଗ୍ରାମର ଜୟନ୍ତୀ ଯୁବକ ସଂଘ ସଦସ୍ୟ ଗାଁର ଶ୍ମଶାନଘାଟ ସଫେଇ କରିଛନ୍ତି। ଶ୍ମଶାନ ଘାଟଟି ମନାବନା ଗଛରେ ଭରି ଯାଇଥିଲା। ଗ୍ରାମର ଅମୃତ ବାରିକ, ବିକ୍ରମ କେଶରୀ ସାହୁ, ସମ୍ୟରଞ୍ଜନ ନାଏକ, ଅଚ୍ୟୁତ ନାଏକ, ବାଙ୍କା ଗରିଆ, ଲୋକବନ୍ଧୁ ନାଏକ ଏହି ସଫେଇ କାମରେ ସାମିଲ ଥିଲେ।

## ନବନିଯୁକ୍ତ ସରକାରୀ ଓକିଲଙ୍କୁ ସମ୍ବର୍ଦ୍ଧନା



**ଅତାବିରା, ୨।୧(ସମିସ):** ଅତାବିରା ଗ୍ରାମ୍ୟ ନ୍ୟାୟାଳୟରେ ସରକାରୀ ଓକିଲ(ଏପିପି) ଭାବେ ନିଯୁକ୍ତ ଅତାବିରା ଓକିଲ ସଂଘର ସମ୍ପାଦକ ହିତେନ୍ଦ୍ରୀୟ ପ୍ରଧାନଙ୍କୁ ଅତାବିରା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଓକିଲ ସଂଘ ସଭାପତି ନିରୋଜ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଉପସଭାପତି ତ୍ରିପୁରାରୀ ଚାନ୍ଦ, ବୀରେନ୍ଦ୍ର ବାଙ୍କା, ରାଜା ପାଣ୍ଡେ, ବିକାଶ ମିଶ୍ର, ଉନ୍ନି ନାୟାର, ରୋହିତ ମହାପାତ୍ର, ସମୀର ଦାଶ, ବଲ୍ଲଭ ଭୋଇ, ଜଗନ୍ନାଥ ରାଓ, ଋଷି ବଘାର, ଧନପତି ବାଦୀ, ବୀରେନ୍ଦ୍ର ତ୍ରିପାଠୀ, ଅମୂଲ୍ୟ ତାଣ୍ଡି ପ୍ରମୁଖ ଓକିଲ ଉପସ୍ଥିତ ଥିଲେ।

### କୁଞ୍ଜବିହାରୀ ନାଏକ ଜୟନ୍ତୀ ସମାରୋହ

# କୁଞ୍ଜବିହାରୀ ଥିଲେ ଜଣେ ଅମ୍ଳାନ ବ୍ୟକ୍ତିତ୍ୱର ଅଧିକାରୀ





**ଅମ୍ବାଭୋନା, ୨।୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଦ୍ୱାରିକା ଧୀଶ ଉଚ୍ଚ ବିଦ୍ୟାଳୟ ଦ୍ୱାରି ପରିସରରେ ୮୬ ତମ କୁଞ୍ଜବିହାରୀ ନାଏକ ଜୟନ୍ତୀ ସମାରୋହ ନୂତନ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। କୁଞ୍ଜବିହାରୀ ଫାଉଣ୍ଡେସନର ସଭାପତି ଠାକୁରରାମ ପଟେଲଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ସଭା ଆୟୋଜିତ ହୋଇଥିଲା। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରଗଡ଼ ସାଂସଦ ପ୍ରତିନିଧି ଗୁନାରୁ ପଧାନ, ଜିଲ୍ଲା ପରିଷଦ ସଭ୍ୟା ନୀଳି ନାୟକ, ଜହରଲାଲ ପଧାନ, ଦ୍ୱାରି ପଞ୍ଚାୟତର ସରପଞ୍ଚ ଜ୍ଞାନରଞ୍ଜନ ଭୋଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଠାକୁରରାମ ପଟେଲ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ୱର୍ଗତ କୁଞ୍ଜବିହାରୀ ନାଏକଙ୍କ ସ୍ୱଚ୍ଛ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଅତିଥିଗଣ କୁଞ୍ଜବିହାରୀ ନାଏକଙ୍କ ପ୍ରତିମୂର୍ତ୍ତିରେ ଏବଂ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଶୋକ ପ୍ରଧାନ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଦ୍ୱାରିକାଧୀଶ ଉଚ୍ଚ ବିଦ୍ୟାଳୟର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ମାର୍କ ରଖିଥିବା ଛାତ୍ର କ୍ରୀଷ୍ଣା ସାଙ୍କୁ ଅତିଥିଗଣ କୁଞ୍ଜବିହାରୀ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସଭାରେ ସୁଧୀର ପଧାନ, ହୃଷିକେଶ ପଧାନ, ଯଶୋବନ୍ତ ବେହେରା, କ୍ରୀଡା ବିଭାଗ ବ୍ଲକ ସମ୍ପାଦକ ତୋଷରାମ ଦାଶ, ଦ୍ୱାରିକାଧିଶ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁଲାରସିଂ ପଟେଲ, ତେଜରାମ ନାଏକ, ମଣ୍ଟୁ ବଡ଼େଇ, ଦେବାର୍ଜନ ମଲ୍ଲିକ, ଗୌରୀଶଙ୍କର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମଲାଲ ନାୟକ, ପୂର୍ଣ୍ଣ ପଧାନ ଓ ରାଜକିଶୋର ପୁରୋହିତ ଯୋଗ ଦେଇଥିଲେ। ଶେଷରେ ସହକାରୀ ଶିକ୍ଷକ ଅକ୍ଷୟ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୀତକାଳୀନ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

**ଝାରବନ୍ଧ, ୨।୧(ସମିସ):** ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ଝାରବନ୍ଧ ଏନ୍‌ଏସ୍‌ଏସ୍ କୋ ୟୁନିଟ୍‌ର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ସରକାରୀ ପ୍ରାଥମିକ ବିଦ୍ୟାଳୟ, ସରଗୁଲ ଠାରେ ଡିସେମ୍ବର ୨୫ ରୁ ୩୧ ତାରିଖ ଯାଏଁ ହୋଇଥିବା ଏହି ଶିବିରରେ ମୋଟ ୫୦ ଜଣ ସ୍ୱେଚ୍ଛାସେବୀ ଶିବିରାର୍ଥି ଭାବେ ଭାଗନେଇ ବିଭିନ୍ନ ଶିବିରରେ ସ୍ୱେଚ୍ଛାସେବୀ ମାନେ ବିଭିନ୍ନ ଜନ ସଚେତନତା ମୂଳକ କାର୍ଯ୍ୟ କରିଥିଲେ। ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର, ନିଶା ନିବାରଣ, ନାରୀ ଶିକ୍ଷା ଓ ସଶକ୍ତି କରଣ, ସଡକ ସୁରକ୍ଷା, ବିପର୍ଯ୍ୟୟ ପ୍ରଶମନ ତଥା ଅନ୍ଧବିଶ୍ୱାସ ଦୂରୀକରଣ ଭଳି ଅନେକ ଜନସ୍ୱାର୍ଥ ମୂଳକ କାର୍ଯ୍ୟ କରାଯାଇଥିଲା। ସ୍ୱେଚ୍ଛାସେବୀ ମାନେ ସାକ୍ଷରତା, ଲିଙ୍ଗ ଅନୁପାତ ଓ ସ୍ୱଚ୍ଛତା ସମ୍ବନ୍ଧୀୟ ସର୍ଭେ ମଧ୍ୟ କରିଥିଲେ। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରିବାର ପ୍ରୟାସକୁ ସ୍ଥାନୀୟ ଗ୍ରାମବାସୀ ଅନେକ ପ୍ରଶଂସା କରିଥିଲେ। ଆଜି




ଜନସଚେତନତା ମୂଳକ କାର୍ଯ୍ୟକ୍ରମ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କନ୍ଦାଡଙ୍ଗର ପଞ୍ଚାୟତର ସରପଞ୍ଚ ସୁନୀଲ ରାୟ ମୁଖ୍ୟ ଅତିଥି, ଝାରବନ୍ଧ କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସନାତନ ପାଣ୍ଡେ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ ଅଧିକାରୀ ପ୍ରୋଫେସର ବିରେନ୍ଦ୍ର ବେହେରା, ସହଯୋଗୀ ନିର୍ମଳ ବଗର୍ତ୍ତି ଯୋଗଦେଇ ଶିବିର ପରିଦର୍ଶନ କରିଥିଲେ। ଦୀର୍ଘ ୭ ଦିନ ଧରି ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ବିରଦୈତ୍ୟ ସାହୁ, ମୋହନ ନାୟକ, ଜଗଦୀଶ ସାହୁ, ସାନନ୍ଦ ସାହୁ, ହରି ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିବା ସହ, ଶିବିରାର୍ଥି ମାନଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ପୂର୍ବତନ ଏନ୍‌ଏସ୍‌ଏସ ଅଧିକାରୀ ନବୀନ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଏନ୍‌ଏସ୍‌ଏସ କୋ ୟୁନିଟ୍ ଅଧିକାରୀ ଗୀତାଞ୍ଜଳୀ ଗୁରୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନୂଆବର୍ଷ ଉପଲକ୍ଷେ କବିତା ପାଠ ଉତ୍ସବ



**ମଥୁରାନଗରୀ, ୨।୧(ସମିସ):** ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ଇଂରାଜୀ ନୂଆ ବର୍ଷ ଉପଲକ୍ଷେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଶିକ୍ଷକ ସୁଧାଂଶୁ ଶେଖର ସାହୁ, ପୂର୍ବତନ କ୍ରୀଡା ଶିକ୍ଷକ ଡାକ୍ତର ଭୋଇ, ପୂର୍ବତନ ହିନ୍ଦୀ ଶିକ୍ଷୟିତ୍ରୀ ମୀନା ପଣ୍ଡା, ଆଲୁମୁନି ସଦସ୍ୟ କପିଳ ବାଗ, ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ଗୀତା ଜାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କବିତା ପାଠ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା କ୍ରୀଡା ଶିକ୍ଷୟିତ୍ରୀ ବିନିତା ବରିହାଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ, ମିତା ସାହୁ, ନିଳୀମା ପ୍ରଧାନ, ଜ୍ୟୋତି ବେହେରା, ତପସ୍ୱିନୀ ତ୍ରିପାଠୀ, ସୀମା ଭୋଇ, ସୀମା ବିଶ୍ୱାସ ପ୍ରମୁଖ ନୂଆ ବର୍ଷ ଉପଲକ୍ଷେ କବିତା ପାଠ କରିଥିଲେ। ପ୍ରଧାନ ଶିକ୍ଷକ ସୁଦୀପ ରଥ ଅଧ୍ୟକ୍ଷତା କରିଥିବାବେଳେ ସୀମା ସାହୁ ଭଜନ ପରିବେଷଣ କରିଥିଲେ।

# ସମ୍ବଲପୁରୀ ଫ୍ୟାସେନ ଶୋ'

ମଥୁରାନଗରୀ, ୨।୧(ସମିସ)



ବିଶ୍ୱ ପ୍ରଶିଦ୍ଧ ମୁକ୍ତାକାଶ ରଙ୍ଗ ମଞ୍ଚରେ ୭୮ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବର ପଲିଶ୍ରୀ ମେଳାସ୍ଥିତ ଧନୁମେଳା ମଞ୍ଚରେ ରାଜବୋଡାସମ୍ବର, ପଦ୍ମପୁର ଅଞ୍ଚଳର ରେନବୋ ଫେସନ୍ ଗ୍ରୁପ ପକ୍ଷରୁ ଫେସନ୍ ଶୋ' ଅନୁଷ୍ଠିତ ହୋଇଥିଲା। ମଡେଲମାନେ ସମ୍ବଲପୁରୀ ବସ୍ତ୍ର ପିନ୍ଧି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ମଡେଲମାନଙ୍କ ଦ୍ୱାରା ସମ୍ବଲପୁରୀ ପିନ୍ଧନ ବିଭିନ୍ନ ଆକର୍ଷଣୀୟ ଡିଜାଇନ୍ ଉପରେ ପ୍ରଦର୍ଶିତ ହୋଇଥିଲା। ପାରମ୍ପରିକ ସମ୍ବଲପୁରୀ ଶାଢ଼ି, କୋସଲୀ ଡ୍ରେସ୍, ହସ୍ତତନ୍ତ୍ର ଶିଳ୍ପର ଅନୁପମ ରୂପାୟନ ସହ ପୁରାତନ ସମୟରୁ ଆଧୁନିକ ଫେସନ୍‌ର ସମନ୍ୱୟ ଦର୍ଶକଙ୍କୁ ଛୁଇଁଥିଲା। ରଙ୍ଗିନ ଆଲୋକ, ସୁମଧୁର ସଙ୍ଗୀତ ଓ ଆକର୍ଷଣୀୟ ରାମ୍ପ ୱାକ୍ ସହ ଏହି ଶୋ' ଧନୁମେଳାର ଏକ ବିଶେଷ ଆକର୍ଷଣ ରୂପେ ଉଭାସିତ ହୋଇଥିଲା। ଏହି ଫେସନ୍ ଶୋ'ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅଞ୍ଚଳର ସାଂସ୍କୃତିକ ପରିଚୟ ବେଶଭୂଷା ଓ ବାନ୍ଧକଳାକୁ ଲୋକଲୋଚନକୁ ଆଣିବା। ସେଥିପାଇଁ ବୋଡାସମ୍ବରର ପ୍ରତୀକ ସହ ଶ୍ରୀ ଶ୍ରୀ ନୃସିଂହନାଥ ପୀଠର ଆରାଧ୍ୟ ଦେବତା ମାର୍ଜାର କେଶରୀ ଶ୍ରୀ ଶ୍ରୀ ବାବା ନୃସିଂହ ଭଗବାନଙ୍କ ପ୍ରତିମୂର୍ତ୍ତିର ପ୍ରତୀକକୁ ଧନୁମଞ୍ଚରେ ପ୍ରଦର୍ଶିତ କରାଯାଇଥିଲା। ଏହା ମାଧ୍ୟମରେ ସ୍ଥାନୀୟ ଧାର୍ମିକ ଆସ୍ଥା, ସାଂସ୍କୃତିକ, ଐତିହ୍ୟ ଓ ବାନ୍ଧ ଶିଳ୍ପ କଳାକୁ ଜାତୀୟ ଏବଂ ଆନ୍ତର୍ଜାତୀୟ ଦର୍ଶକଙ୍କ ମଧ୍ୟରେ ପହଞ୍ଚାଇବାର ପ୍ରୟାସ କରାଯାଇଥିଲା। ରେନବୋ ଫେସନ୍ ଗ୍ରୁପର ସମସ୍ତ ମଡେଲ, ଡିଜାଇନର, ପରିଚାଳକ ଏବଂ ସହଯାଗୀଙ୍କ ପ୍ରୟାସରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଡେଲମାନଙ୍କ ଆତ୍ମବିଶ୍ୱାସ, ପୋଷାକର ନିଖୁଣତା ଏବଂ ରାମ୍ପ ଉପରେ ପ୍ରସ୍ତୁତି ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେଇଥିଲା। ଦେଶର ବିଭିନ୍ନ ପ୍ରାନ୍ତ ସହ ସାରା ବିଶ୍ୱରୁ ଧନୁଯାତ୍ରା ଦେଖିବାକୁ ଆସିଥିବା ପର୍ଯ୍ୟଟକ ମଧ୍ୟ ଏହି ଫେସନ୍ ଶୋର' ଭରପୂର ପ୍ରଶଂସା କରିଥିଲେ। ଧନୁମେଳା ମଞ୍ଚରେ ରେନ୍‌ବୋ ଫେସନ୍‌ର ଏହି ପ୍ରଦର୍ଶନ କେବଳ ଏକ ଫେସନ୍ ଶୋ ନୁହେଁ, ବରଂ ପଶ୍ଚିମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ହସ୍ତଶିଳ୍ପ ଓ ପାରମ୍ପରିକ ପୋଷାକର ଗର୍ବିତ ପ୍ରତିନିଧିତ୍ୱ ଥିଲା।

## ଲୋକ ମହୋତ୍ସବ ପକ୍ଷରୁ ଚିତ୍ରକଳା କର୍ମଶାଳା



**ସମ୍ବଲପୁର, ୨।୧ (ସମିସ) :** ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ରିଭର୍‌ଭ୍ୟୁ ପଏଣ୍ଟଠାରେ ସମ୍ବଲପୁର ଲୋକ ମହୋତ୍ସବର ପ୍ରଦର୍ଶନୀ ଉପସମିତି ପକ୍ଷରୁ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ନୋଡାଲ ଅଧିକାରୀ ତଥା ମହାନଗର ନିଗମ କମିଶନର ରେହାନ ଖତ୍ରୀ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଆମ ସମ୍ବଲପୁରର ସଂସ୍କୃତିକୁ ନେଇ ଚିତ୍ରଶିଳ୍ପୀମାନେ ନିଜର ରଙ୍ଗତୁଳିରେ ଚିତ୍ର ଅଙ୍କନ କରିଥିଲେ। ଆବାହକ କୁଲଦୀପ ବର୍ମା, ସହଆବାହକ ରୋଚିଶ ଦେ ଓ ଶ୍ରୀମନ୍ତ ସାହୁଙ୍କ ତତ୍ତ୍ୱାବଧାନରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୋଟ ୩୦ଜଣ ଚିତ୍ରଶିଳ୍ପୀ ଚିତ୍ର ଅଙ୍କନ କରିଥିଲେ। ଲୋକ ମହୋତ୍ସବ ସଂଯୋଜକ ଦୀପକ ପଣ୍ଡା, ଉପଦେଷ୍ଟା ସମିତି ସଦସ୍ୟ ପ୍ରଫୁଲ୍ଲ ହୋତା ଓ ସୂର୍ଯ୍ୟ ପାଣିଗ୍ରାହୀ ଏବଂ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଚିତ୍ରକୁ ମହୋତ୍ସବର ପ୍ରଦର୍ଶନୀ ମେଳାରେ ସ୍ଥାନିତ କରାଯିବ। କର୍ମଶାଳାରେ ସଂଯୁକ୍ତା କୁଲ୍ଲୁ, ସଞ୍ଜୟ ସାହୁ, ଅନୁରେଖା ଜେନା, ଦେବାଶିଷ ପ୍ରଧାନ, ସ୍ୱରୂପ ସାହୁ, ସୁରଜିତ ରାଉତ, ସନ୍ତୋଷ ପଟ୍ଟନାୟକ, ବନ୍ଦନା ପଣ୍ଡା, ସୁବ୍ରତ ବେହେରା, ମହେଶ ତାଣ୍ଡି, ମନୋଜ ଚୌଧୁରୀ, ବି. ଅଞ୍ଜଳି ରାଓ, ବୃନ୍ଦାବନ ମହାରଣା, ମୋନାଲିସା ଭଗତ ଓ ନମିତା ବଡ଼ପଣ୍ଡା ପ୍ରମୁଖ ଚିତ୍ରଶିଳ୍ପୀ ସାମିଲ ହୋଇଥିଲେ।

# ମଥୁରାରେ କୃଷ୍ଣବଳରାମଙ୍କୁ ଘରେ ଘରେ ପୂଜା, ଗୋପପୁର ଖାଁ ଖାଁ





**ମଥୁରା ନଗରୀ, ୨।୧(ସମିସ)**

ବରଗଡ଼ ଧନୁଯାତ୍ରା ଦଶମ ଦିବସରେ ଉପନୀତ। ଯେଉଁଠି ରଣ ଦୁନ୍ଦୁଭିର ସ୍ୱର, କଂସ ଅତ୍ୟାଚାରରେ ଧରା ଦୁଲୁକୁଥିଲା, ଆଜି ସେଠି ଏମିତି ପୁଲକ କାହିଁକି? କାହିଁକି ମଥୁରାନଗରୀର ଦାଣ୍ଡରେ ଗୋପପୁରର ଭ୍ରମ? ଧାଡି ଧାଡି କଳସ, ମୁରୁଜ, ଫୁଲମାଳ ଦାଣ୍ଡରେ ମହିଳାଙ୍କ ଭିଡ, ଲମ୍ବା ଧାଡି। ଯେଉଁ ଧରଣୀ କଂସର ପଦାଘାତରେ ରକ୍ତ ଉଦ୍‌ଗାରୁ ଥିଲା ସେଠି ଏ ଅଭିସାର କେମିତି? ବୃନ୍ଦାବନ ବିହାରୀ ଶ୍ରୀକୃଷ୍ଣ ଭାଇ ବଳରାମଙ୍କ ସହିତ ଆସିଛନ୍ତି ମଥୁରା। ମାମୁଁ କଂସ ମହାରାଜଙ୍କ ଦ୍ୱାରା ଆୟୋଜିତ ଧନୁଯାତ୍ରା ଦେଖିବାକୁ। ଏହି ବେନି ଭାଇଙ୍କ ସହ ଆସିଛନ୍ତି ଗୋପାଳ ବାଳକ ମାନେ। ସେମାନଙ୍କ ବାଡି ଖେଳ ନାଚରେ ଦୁଲୁକି ପଡୁଛି ମଥୁରା ଦାଣ୍ଡ। ଖଜୁରଟିକିରା ସ୍ଥିତ ମଧୁବନ ତୋଟା, ଆଦିମାତା ମଠ ଠାରେ କୃଷ୍ଣ ବଳରାମଙ୍କ ଚାଲୁଛି ପୂଜାର୍ଚ୍ଚନା। ବୟସ୍କା ଆଦି ମାତା ସିନ୍ଧୁରାଣୀ ନିଜ ହାତରେ ପ୍ରସ୍ତୁତ ଆରିସା, କାକରା ପିଠା ସବୁ ଖୁଆଇ ଦିଅନ୍ତି କୃଷ୍ଣ ବଳରାମଙ୍କୁ। ସତରେ ଏପରି ବାତ୍ସଲ୍ୟ ମମତା ଦେଖି ବିମୋହିତ ହୋଇଛନ୍ତି ଦର୍ଶକ। ସେଠାରେ ରାତ୍ରିଯାପନ ପରେ କୃଷ୍ଣ-ବଳରାମଙ୍କୁ ବେଶ୍ ଉପଭୋଗ୍ୟ ହୋଇଛି।

ଏହାପରେ ଅଭିନୀତ ହୁଏ ରଜକ ଉଦ୍ଧାର ଦୃଶ୍ୟ। କାଳୀ ମନ୍ଦିର ଠାରେ କୁବୁଜା ଉଦ୍ଧାର କରିଛନ୍ତି କୃଷ୍ଣ ବଳରାମ। ଶୁକ୍ରବାର ମଥୁରା ଭ୍ରମଣ ଦିନ, ଆଦିମାତା ମଠରୁ ଭଗବାନ ଶ୍ରୀକୃଷ୍ଣଙ୍କ ରଥରେ ଯାତ୍ରା ଆରମ୍ଭ ହୋଇ, ପୂଜାର୍ଚ୍ଚନା ହୋଇ ରଜକ ମାଳି ଉଦ୍ଧାର, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝି ଘର, ବାନ୍ଧୁ ଟିକିରା ପ୍ରଦୀପ ମହାନ୍ତିଙ୍କ ଘର, ଗଣେଶ ପ୍ରଧାନଙ୍କ ଘର ସାମ୍ନାରେ ପୂଜା ହୋଇ ଗାନ୍ଧୀ ଛକ ହୋଇ, ସିଧା ମୁନ୍‌ସିପାଲଟି ଅଫିସରୁ ବିକାଶ ଫାଷ୍ଟ ଷ୍ଟେପରୁ ଫେରି ଆସି ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ଘର, ନେହେରୁ କ୍ଲବ୍, ଗଣ ଇସ୍ତାହାର ପ୍ରସନ୍ନ ମିଶ୍ରଙ୍କ ଘର, ଦୋରା ଘର, କାଳୀ ମନ୍ଦିରରେ କୁବୁଜା ଉଦ୍ଧାର କରିବା ପରେ କଲେଜ ରୋଡ ବିଶ୍ୱ ନାୟକ ଘର, ପାତ୍ର କିରାନା ଘର, ଉତ୍କଳ ଗୌରବ ଲକ୍ଷ୍ମୀ ମଣ୍ଡପରୁ ମନା ବନ୍ଧ ବାଟ ଦେଇ ପ୍ରଦୀପ ପ୍ରଧାନ, ଦୀପକ ପାତ୍ର, ନରେଶ ଅଗ୍ରୱାଲ, ହାଟପଦା ଦୁର୍ଗା ମନ୍ଦିର ଦର୍ଶନ ସାରି, କୃଷ୍ଣ ଭକ୍ତ ବୃନ୍ଦାବନ ବିଶି ଘରେ ବିଶ୍ରାମ ନିଅନ୍ତି। ମହାରାଜା କଂସ ଏବେ ବ୍ୟତିବ୍ୟସ୍ତ। ଦିଗ୍‌ବିଜୟରେ ବାହାରି ପୁଣି ମନ୍ତ୍ରୀ ମାନଙ୍କ ସହ ବୈଠକ, ମନ୍ତ୍ରଣା। କୃଷ୍ଣଙ୍କୁ ମାରିବା ପାଇଁ ଯୋଜନା ଉପରେ ଯୋଜନା। ଆଉ ସବୁ ଚିନ୍ତାକୁ ଲୁଚାଇବା ଆଳରେ ଚାଲିଛି ରଙ୍ଗମହଲରେ ନୃତ୍ୟ ସଙ୍ଗୀତର ଆସର।







## କ୍ରିଷ୍ଣା ବିକାଶ ଫର୍ଷ୍ଟ ଷ୍ଟେପ୍ ପକ୍ଷରୁ ବେନି ଭାଇଙ୍କୁ ସ୍ୱାଗତ



୭୮ ତମ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅବସରରେ, ଗୋପପୁରାରେ ଆଠ ଦିନ ଧରି ଶ୍ରୀକୃଷ୍ଣ-ବଳରାମଙ୍କ ଲୀଳା ସମାପ୍ତି ପରେ ନବମ ଦିନ ମଥୁରା ନଗରୀରେ ପ୍ରବେଶ ହୋଇଛି। ଏହି ଅବସରରେ କ୍ରିଷ୍ଣା ବିକାଶ ଫର୍ଷ୍ଟ ଷ୍ଟେପ୍ ପକ୍ଷରୁ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଭବ୍ୟ ଓ ଆଡମ୍ବର ପୂର୍ଣ୍ଣ ସ୍ୱାଗତ କରାଯାଇଥିଲା। କ୍ରିଷ୍ଣା ବିକାଶ ଫର୍ଷ୍ଟ ଷ୍ଟେପ୍‌ର ଛାତ୍ରଛାତ୍ରୀ ସମ୍ବଲପୁରୀ ବାଜା ଓ ଓଡିଶୀ ନୃତ୍ୟ ମାଧ୍ୟମରେ ଶ୍ରୀକୃଷ୍ଣ-ବଳରାମଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସର ଚେୟାରମ୍ୟାନ୍ ଡି.ମୁରଲୀ କ୍ରିଷ୍ଣା ଓ ତାଙ୍କ ସହଧର୍ମିଣୀ ଦାଶରୀରାମ ତୁଳସୀ ପାରମ୍ପରିକ ବିଧିରେ ପୂଜାର୍ଚ୍ଚନା କରି ଶ୍ରୀକୃଷ୍ଣ-ବଳରାମଙ୍କୁ ସ୍ୱାଗତ କରିଥିଲେ। ଶ୍ରୀକୃଷ୍ଣ-ବଳରାମଙ୍କ ଦୋଳି ଲୀଳା ମଧ୍ୟ ଆୟୋଜିତ ହୋଇଥିଲା। ଶ୍ରୀକୃଷ୍ଣଙ୍କ ଭୂମିକା ନିର୍ବାହ କରୁଥିବା ବାଳକ ସ୍ୱପ୍ନିଲ ମହାପାତ୍ର କ୍ରିଷ୍ଣା ବିକାଶ ଫର୍ଷ୍ଟ ଷ୍ଟେପ୍‌ର ଷଷ୍ଠ ଶ୍ରେଣୀର ଜଣେ ଛାତ୍ର। ଏହି କାର୍ଯ୍ୟକ୍ରମରେ ଡ.ସମରେନ୍ଦ୍ରନାଥ ପଣ୍ଡା (ନିର୍ଦ୍ଦେଶକ, କ୍ରିଷ୍ଣା ବିକାଶ ଗ୍ରୁପ୍), ଅଶ୍ୱିନୀ ନାୟକ (ହେଡ୍ ପିପଲ୍ ଆଣ୍ଡ କଲ୍‌ଚର), ଶିଶିର ପ୍ରସାଦ ରାଉଳ (ଏକ୍ସିକ୍ୟୁଟିଭ୍ ପ୍ରିନ୍ସିପାଲ୍), ଚିତ୍ତରଞ୍ଜନ ପତି (ପ୍ରିନ୍ସିପାଲ୍, ସିନିଅର ସେକେଣ୍ଡାରୀ), ନାରାୟଣ ରଥ (ପ୍ରିନ୍ସିପାଲ୍, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ), ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅର୍ଚ୍ଚନା ପାଣିଗ୍ରାହୀ, ବଂଶିତା ଗ୍ରୋଭର, ଏମ୍.ରାଜେଶ ଓ ପି.ଭାବ୍ୟଶ୍ରୀ ଉପସ୍ଥିତ ଥିଲେ। ଏହା ସହ ଗୋପପୁର ଧନୁଯାତ୍ରା ମହୋତ୍ସବ ସମିତିର ଈଶ୍ୱର ବାଗ୍ ଓ ଯୁଧିଷ୍ଠିର ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଠିକାଦାର ସଂଘ ପକ୍ଷରୁ ଜଳଖିଆ ବଣ୍ଟନ

**ମଥୁରା ନଗରୀ, ୨।୧(ସମିସ):** ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ସମୟରେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରକାର ସେବାକାର୍ଯ୍ୟ କରାଯାଉଛି। ଏହାକୁ ମହାରାଜ କଂସ ତଥା ବୁଦ୍ଧିଜୀବୀ ପ୍ରଶଂସା କରୁଥିବା ବେଳେ ଧନୁଯାତ୍ରାର ଏଗାର ତମ ଦିବସରେ ପଶ୍ଚିମ ଓଡ଼ିଶା ବିଦ୍ୟୁତ ଠିକାଦାର ସଂଘ ପକ୍ଷରୁ ଗାନ୍ଧୀ ଛକ ଶନି ମନ୍ଦିର ନିକଟରେ ଯାତ୍ରୀ ମାନଙ୍କୁ ବିଶୁଦ୍ଧ ପିଇବା ପାଣି, ଚାହା, ବିସ୍କୁଟ, ପକୋଡି ମିଠା ବଣ୍ଟନ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଓ ବଳରାମଙ୍କ ମଥୁରା ନଗରୀ ପ୍ରବେଶ ଅବସରରେ ଯାତ୍ରୀ ମାନଙ୍କୁ ଏହା ବଣ୍ଟନ କରାଯାଇଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସେବା କାର୍ଯ୍ୟ ବିଦ୍ୟୁତ ବିଭିନ୍ନ ନିର୍ବାହୀ ଯନ୍ତ୍ରୀ ବିଭୁତି ଭୂଷଣ ଶତପଥୀ ଉଦ୍‌ଘାଟନ କରି ସେବାକାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ବାଗ, ଦେବାନନ୍ଦ ବାବୁ, କ୍ରିଷ୍ଣା ନକୁଲା, ରାଜରାଏ, ଶିଶିରରଥ, ହିମାଂଶୁ ପଣ୍ଡା, ଅନ୍ତର୍ଯ୍ୟାମୀ ପରିଡ଼ା, ବିକାଶ କରଙ୍କ ସହିତ ସଂଘର ଅନେକ କର୍ମକର୍ତ୍ତା ଯୋଗଦେଇ ସହଯୋଗ କରିଥିଲେ। ଆଗାମୀ ବର୍ଷ ବିଭିନ୍ନ ସ୍ଥାନରେ ଅନ୍ନଭୋଗ ବଣ୍ଟନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଉପମୁଖ୍ୟମନ୍ତ୍ରୀ ହେଲେ ମହାରାଜ କଂସଙ୍କ ଅତିଥି



ଆଜି ପ୍ରବଳ ପ୍ରତାପୀ ମହାରାଜ କଂସଙ୍କ ନିମନ୍ତ୍ରଣ ପାଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଅତାବିରା ବିଧାୟକ ନିହାର ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ ସମସ୍ତଙ୍କୁ ପାଛୋଟି ନେଇ ସମ୍ବର୍ଦ୍ଧିତ କରିଥିଲେ। ଉପ ମୁଖ୍ୟମନ୍ତ୍ରୀ ରାଜ୍ୟରେ ହୋଇଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ବର୍ଣ୍ଣନା କରିଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ହାଟପଦା କମିଟି ବହୁ ସଦସ୍ୟ ଉପସ୍ଥିତ ଥିଲେ।



ମଥୁରା ନଗରୀରେ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ତାଙ୍କ ଧର୍ମପତ୍ନୀ ସନ୍ଧ୍ୟାରାଣୀ ପାଣ୍ଡେ, ଆସିଷ୍ଟାଣ୍ଟ କଲେକ୍ଟର ମଦନ ପଣ୍ଡା ତାଙ୍କ ଧର୍ମପତ୍ନୀ ମଧୁସ୍ମିତା ପଣ୍ଡା, କୃଷ୍ଣ ବଳରାମଙ୍କୁ ପାଛୋଟି ନେଇ ପୂଜାର୍ଚ୍ଚନା କରିଛନ୍ତି।



ବରଗଡ଼ ପୌର ପରିଷଦ ପକ୍ଷରୁ ପୌରାଧ୍ୟକ୍ଷା କଳ୍ପନା ମାଝୀ, ନିର୍ବାହୀ ଅଧିକାରୀ ଦେବାନନ୍ ସାହୁ ଓ କର୍ମଚାରୀ କୃଷ୍ଣବଳରାମଙ୍କୁ ଭବ୍ୟ ସ୍ୱାଗତ ସହ ପୂଜାର୍ଚ୍ଚନା କରୁଛନ୍ତି।

## ମଥୁରା ନରେଶଙ୍କ ଦରବାରରୁ ଆରମ୍ଭ ହେଲା ଜାତୀୟ ସଡ଼କ ସୁରକ୍ଷା ମାସ



**ମଥୁରାନଗରୀ, ୨।୧(ସମିସ):** ଜାତୀୟ ସଡ଼କ ସୁରକ୍ଷା ମାସ ଆରମ୍ଭ ହୋଇଛି। ୩୧ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ପ୍ରଜା ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ମହାରାଜ କଂସ ଆଦେଶ ଦେଇଥିଲେ। କେବେ ବି ଟ୍ରାଫିକ ନିୟମର ଉଲ୍ଲଙ୍ଘନ ନ କରିବାକୁ ତାଗିଦ କରିଥିଲେ। ମଥୁରାବାସୀଙ୍କ ଜୀବନ ଖୁବ୍ ମୂଲ୍ୟବାନ। ଏଣୁ ସବୁବେଳେ ଟ୍ରାଫିକ ନିୟମ ମାନି ଚାଲିକୁ ମହାରାଜ ନିର୍ଦ୍ଦେଶ ଦେଇଥିଲେ। ଦୁଇ ଚକିଆ ଚାଳନାବେଳେ ହେଲମେଟ୍ ବ୍ୟବହାର କରିବା, ଚାରିଚକିଆ ଚାଳନାବେଳେ ସିଟ୍ ବେଲ୍ଟ ପିନ୍ଧିବା, ନିଶାସକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବାକ, ଦ୍ରୁତଗତିରୁ ଦୂରେଇ ରହିବାକୁ ମହାରାଜ ନିର୍ଦ୍ଦେଶ ଦେଇଥିଲେ। ନିଜର ତଥା ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ସହ ଅବହେଳା କଲେ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଯିଏ ବି ସଡ଼କ ସୁରକ୍ଷା ନିୟମ ପାଳନ କରୁନାହାନ୍ତି ସେମାନଙ୍କ ବିରୋଧରେ କଠୋରରୁ କଠୋର ଦଣ୍ଡବିଧାନ ଲାଗୁ ହେବ ବୋଲି ମହାରାଜ କଂସ ନିର୍ଦ୍ଦେଶ ଦେଇଥିଲେ। ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ରଙ୍ଗ ମହଲ କମିଟି ଆବାହକ ଅକ୍ରୁର ମଲ୍ଲିକ, ରାଜେଶ ଶତପଥୀ, ଆରଟିଓ ସାବୁଆ ମାଝୀ, ଏମଭିଆଇ ପ୍ରତାପ କୁଲୁ, ଜୁନିୟର ଏମଭି ଆଇ ରାକେଶ ବେହେରା, ବିନୋଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ମାଦକ ଦ୍ରବ୍ୟ, ପରିମଳ ଓ ନାରୀ ସୁରକ୍ଷା ସମସ୍ୟା ନେଇ କଂସଙ୍କ ଦୃଷ୍ଟି ଆକର୍ଷଣ

**ମଥୁରାନଗରୀ, ୨।୧ (ସମିସ):** ମହାରାଜ, ଆପଣଙ୍କ ଆଦେଶକୁ ଅବମାନନା କରି ମଥୁରା କଟକରେ ବେଆଇନ ଭାବରେ ମାଦକ ଦ୍ରବ୍ୟର ବହୁଳତା ଯୋଗୁଁ ଯୁବ ସମାଜ ପଥ ଭ୍ରଷ୍ଟ ହେଉଛନ୍ତି। ସହରର ପରିମଳ ସମସ୍ୟା ଏଭଳି ହୋଇଛି ଯେ ମହାମାରୀ ବ୍ୟାପିବା ଭୟ ରହୁଛି। ଏହା ସାଙ୍ଗକୁ ନାରୀମାନଙ୍କ ସୁରକ୍ଷା ପାଇଁ ମଥୁରାପୁରରେ ଏକ ମହିଳା ଥାନାର ଜରୁରୀ ଆବଶ୍ୟକତା ରହିଛି ମହାରାଜା। ବରଗଡ଼ ମହିଳା ସମିତି କଂସ ମହାରାଜାଙ୍କୁ ରାଜଦରବାରରେ ଏଭଳି ଦୃଷ୍ଟି ଆକର୍ଷଣ କରି ଆଶୁ ବ୍ୟବସ୍ଥା ନିମନ୍ତେ ନିବେଦନ ଜଣାଇଛନ୍ତି। ମଥୁରାନଗରର ସୁରକ୍ଷା ପାଇଁ ମହିଳା ସମିତି ବେଶ୍ ସଚେତନ ହୋଇ କାମ କରୁଥିବାରୁ କଂସ ମହାରାଜ ପ୍ରୀତ ହୋଇ ସାଧୁବାଦ ଜଣାଇଛନ୍ତି। ଏହାସାଙ୍ଗକୁ ଅବିଳମ୍ବେ ପଦକ୍ଷେପ ନେବାକୁ ଅଧସ୍ତନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହିଳା ସମିତିର ସଭାନେତ୍ରୀ ଅଞ୍ଜନା ଦାସ ସମସ୍ୟା ପତ୍ର ପାଠ କରିଥିଲେ। ସଭ୍ୟା ସୁଧାଂଶୁବାଳା ଦାଶ, ମମତା ମିଶ୍ର, ପଦ୍ମିନୀ ସାହୁ, ଦିବ୍ୟକାନ୍ତି ଭୋଇ, ମନ୍ଦାକିନୀ ପତି, ଜୟଗୀତା ପଣ୍ଡା, ଇନ୍ଦ୍ରାଣୀ ଶତପଥୀ, ସରିତ୍ ସାଲୋନୀ, ସସ୍ମିତା ପଟ୍ଟନାୟକ, ଜୟନ୍ତୀ ପ୍ରଧାନ, ତନିମା ଦାଶ, ପଦ୍ମିନୀ ପ୍ରଧାନ ମଥୁରା ନରେଶଙ୍କ ଦରବାରରେ ଉପସ୍ଥିତି ହୋଇ ଏହି ସାମାଜିକ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ।



## ନବମ ଦିନ ୧୪୦ୟୁନିଟ୍ ରକ୍ତ ସଂଗ୍ରହ

**ମଥୁରାନଗରୀ, ୨।୧ (ସମିସ):** ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ବୀରାଧି ବୀରବର ପ୍ରବଳ ପ୍ରତାପୀ ମଥୁରା ନରେଶ କଂସ ମହାରାଜଙ୍କ ଆଦେଶରେ ଜର୍ଜ ହାଇସ୍କୁଲ ମୀନା ବଜାର ପଡ଼ିଆରେ ନିଷ୍ଠା ପରିବାର ତରଫରୁ ନବମ ଦିନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ ଉପସ୍ଥିତ ରହି ମା' ସମଲେଇଙ୍କ ପୂଜାର୍ଚ୍ଚନା ପରେ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ। ମାନପତ୍ର ଦେଇ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ସମରେନ୍ଦ୍ର ପଣ୍ଡା, ନାଗରିକ ମଞ୍ଚର ସଭାପତି ଭୀଷ୍ମ ଦେବ ସରାଫ, ଧନୁଯାତ୍ରା କମିଟିର ସଭ୍ୟ ପରେଶ ବିଶି, ଛତିଶଗଡ଼ ରାଜ୍ୟ ବିଜେପି ଉପ ସଭାପତି ଜଗନ୍ନାଥ ପାଣିଗ୍ରାହୀ ଯୋଗ ଦେଇଥିଲେ। ଧନୁଯାତ୍ରା ଦେଖିବାକୁ ଆସିଥିବା ସମୟରେ ରକ୍ତଦାନ ପାଇଁ ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ୧୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସୂଚନାଯୋଗ୍ୟ, ରକ୍ତଦାନ ଶିବିର ସହ ସଂଲଗ୍ନ ଭାବେ ନିଷ୍ଠା ପରିବାର ତରଫରୁ ଏକ ସ୍ତନ୍ୟପାନ କେନ୍ଦ୍ରର ବ୍ୟବସ୍ଥା ମଧ୍ୟ କରାଯାଇଛି।



